LEGISLATIVE ASSEMBLY LIBRARY
ORISSA

# ORISSA LEGISLATIVE ASSEMBLY

## DEBATES

**Vol. VII—No. 4**

**( Part II—Proceedings other than Questions and Answers )**

*The 25th February 1965 ( Thursday )*

[ *Price—25 P. or 5d.* ]

ପୃଷ୍ଠା—୨୪ [illegible]।

## Presentation of the Budget for 1965-66

ଶ୍ରୀ ସଦାଶିବ ତ୍ରିପାଠୀ ( ମୁଖ୍ୟ ମନ୍ତ୍ରୀ ) : * ଅଧ୍ୟକ୍ଷ ମହାଶୟ, ମୁଁ ୧୯୬୫-୬୬ ମସିହାପାଇଁ ବଜେଟ ଅଟକଳ ଉପସ୍ଥାପିତ କରିବାକୁ ଯାଉଛି । ଶେଷହୋଇ ଆସୁଥିବା ୧୯୬୪-୬୫ ବର୍ଷଟି ନାନା କାରଣରୁ ଏକ ଘଟଣାବହୁଳ ବର୍ଷ । ଗତବର୍ଷ ମଇ ୨୭ ତାରିଖରେ ଆମର ପ୍ରିୟ ନେତା ଜବାହାରଲାଲ ନେହରୁଙ୍କ ପରଲୋକ ଏ ଜାତିକୁ ଦାରୁଣ ଧକ୍କା ଦେଇଥିଲା । ସେ ଥିଲେ ଆଧୁନିକ ଭାରତର ନିର୍ମାତା । ଦେଶରୁ ଦାରିଦ୍ର୍ୟ, ଅଜ୍ଞତା, ରୋଗ ଓ ସୁବିଧା ସୁଯୋଗ ସମ୍ପର୍କୀୟ ବୈଷମ୍ୟ ଲୋପ କରିବା ନିମନ୍ତେ ସେ ଅବିରାମ ସଂଗ୍ରାମ ଚଳାଇଥିଲେ । ଆଜି ଆମେ ଯାହା କିଛି କରୁଛେଁ ବା ଆଜି ମୁଁ ମାନ୍ୟବର ସଭ୍ୟମାନଙ୍କ ଆଗରେ ଯାହାସବୁ ପ୍ରସ୍ତାବ କରିବାକୁ ଯାଉଛି, ସେ ସମସ୍ତ କେବଳ ତାଙ୍କର ଆଶାକୁ ପରିପୂର୍ଣ୍ଣ କରିବା ଦିଗରେ ଉଦ୍ୟମ ମାତ୍ର । ଆମ ପ୍ରିୟ ନେତାଙ୍କର ଅପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆମେ ଉଦ୍ୟମ କଲାବେଳେ ମୋତେ ସାହାଯ୍ୟ କରିବାପାଇଁ ଏବଂ ସରକାରଙ୍କ ସହିତ ସହଯୋଗ କରିବାପାଇଁ ମୁଁ ମାନ୍ୟବର ସଭ୍ୟମାନଙ୍କୁ ବିନମ୍ର ସହିତ ଅନୁରୋଧ କରୁଛି ।

ଚୀନ୍ ଓ ଆମ ଦେଶ ମଧ୍ୟରେ ଥିବା ଅନିଶ୍ଚିତ ଅବସ୍ଥା ଯୋଗୁ ଆମ ଦେଶରେ ବର୍ତ୍ତମାନ ଯେଉଁ ଜରୁରୀ ପରିସ୍ଥିତି ରହିଛି ସେ ବିଷୟରେ ମାନ୍ୟବର ସଭ୍ୟମାନେ ଅବଗତ ଅଛନ୍ତି । ଚୀନ୍ ଆକ୍ରମଣର ଆଶଙ୍କା ଲାଗି ରହିଛି ଏବଂ ଚୀନ୍ ପରମାଣୁ ବୋମାର ଅଧିକାରୀ ହୋଇଥିବା ଯୋଗୁଁ ଏହି ଆଶଙ୍କା ଅଧିକ ଦୃଢ଼ୀଭୂତ ହୋଇଛି । ପଡ଼ୋଶୀ ପାକିସ୍ଥାନ ସହିତ ଆମେ ଉତ୍ତମ ସମ୍ପର୍କ ରଖିବା ନିମନ୍ତେ ଆମର ଉଦ୍ୟମ ସତ୍ତ୍ୱେ ଗଣ୍ଡଗୋଳ ଘଟିଥିଲା ଏବଂ ପାକିସ୍ଥାନରୁ ଆମ ରାଜ୍ୟକୁ ବହୁ ସଂଖ୍ୟାରେ ଆଶ୍ରୟପ୍ରାର୍ଥୀ ଆସିବା ଫଳରେ ଆମକୁ ଏକ ଗୁରୁତର ଅର୍ଥନୈତିକ ପରିସ୍ଥିତି ଓ ଅଭୂତପୂର୍ବ ଆଇନ ଶୃଙ୍ଖଳା ସଂକ୍ରାନ୍ତ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ବର୍ମାରୁ ବହୁ ପରିବାର ଆମ ରାଜ୍ୟକୁ ଚାଲି ଆସିବାଦ୍ୱାରା ମଧ୍ୟ ଆମ ଅର୍ଥନୀତି ଉପରେ ଅଧିକ ଚାପ ପଡ଼ିଥିଲା ।

ମୁଁ ବର୍ତ୍ତମାନ ମାନ୍ୟବର ସଭ୍ୟମାନଙ୍କ ଆଗରେ ଆମ ରାଜ୍ୟର ଅର୍ଥନୈତିକ ପରିସ୍ଥିତି ସମ୍ବନ୍ଧରେ କେତୋଟି ବିଶିଷ୍ଟ ପ୍ରସଙ୍ଗ ଉପସ୍ଥାପିତ କରିବି । ଆମ ରାଜ୍ୟର ଆୟରୁ ପ୍ରାୟ ଦୁଇ-ତୃତୀୟାଂଶ ଭରଣା କରୁଥିବା କୃଷି-ଉତ୍ପାଦନ ବଢ଼ି ଚାଲିଛି । ରାଜ୍ୟସାରା ଅନୁକୂଳ ପାଗ ଯୋଗୁଁ ଏ ବର୍ଷ ଚମତ୍କାର ଫସଲ ହୋଇଥିଲା । ଚାଷ ଜମିର ପରିମାଣ ମୋଟାମୋଟି ସମାନ ଥିବା ସତ୍ତ୍ୱେ, ପରିସଂଖ୍ୟାନ ଓ ଅର୍ଥନୀତି ପ୍ରତିଷ୍ଠାନ ( ବ୍ୟୁରୋ ଅଫ୍ ଷ୍ଟାଟିଷ୍ଟିକ୍ସ ଆଣ୍ଡ ଇକନମିକ୍ସ )ଙ୍କ ଅଟକଳ ଅନୁସାରେ ଗତବର୍ଷ ୪୨·୦୯ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଉତ୍ପାଦନ ହୋଇଥିବା ସ୍ଥଳେ ଏ ବର୍ଷ ୫୩·୫୯ ଲକ୍ଷ ମେଟ୍ରିକ ଟନ୍ ପର୍ଯ୍ୟନ୍ତ ହୋଇଛି । ସନ୍ତୋଷର କଥା ଯେ ଏ ବର୍ଷ ଯେତେ ଧାନ ଉତ୍ପନ୍ନ ହୋଇପାରିଛି, ରାଜ୍ୟରେ ଏ ପର୍ଯ୍ୟନ୍ତ କୌଣସି ବର୍ଷ ସେତେ ଉତ୍ପାଦନ ହୋଇ ନଥିଲା । ଗତବର୍ଷ ଶାରଦ ଧାନ ଏକର ପିଛା ୭·୦୪ କ୍ୱିଣ୍ଟାଲ ଅମଳ କରାଯାଇଥିବା ସ୍ଥଳେ ଏ ବର୍ଷ ଏକର ପିଛା ୭·୭୨ କ୍ୱିଣ୍ଟାଲ ଫଳ ଥିବାର ଅଟକଳ କରାଯାଇଛି ।

କୃଷି ଉତ୍ପାଦନରେ ସାମଗ୍ରିକତା ହାସଲ ପାଇଁ ଏବଂ ଅର୍ଥନୈତିକ ଦୃଷ୍ଟିରୁ ସବୁ ଫସଲ ଉତ୍ପାଦନ ନିମନ୍ତେ ଜମିର ସୁଷମ ବଣ୍ଟନପାଇଁ ଉଦ୍ୟମ କରାଯାଉଛି । ଝୋଟ, ଆଖୁ ଓ ରବି ଫସଲ ଉତ୍ପାଦନ ପ୍ରତି ଉପଯୁକ୍ତ ଦୃଷ୍ଟି ଦିଆଯାଉଛି । ଏହି ସବୁ ଫସଲ ଅଧିକ ଜମିରେ ଚାଷ କରିବାପାଇଁ ଓ ଉତ୍ପାଦନ ବୃଦ୍ଧି କରିବାପାଇଁ ଉଦ୍ୟମ କରାଯାଉଛି । ଆଲୋଚ୍ୟ ବର୍ଷ ଭିତରେ ଶିଳ୍ପ ଉତ୍ପାଦନ ମଧ୍ୟ ଯଥେଷ୍ଟ ବୃଦ୍ଧି ପାଇଛି । ପୂର୍ବ ବର୍ଷ ଅପେକ୍ଷା ଏବର୍ଷ ଚିନି ଉତ୍ପାଦନ ଶତକଡ଼ା ୨୨ ଭାଗ ବଢ଼ିଛି ।

* *Vide* Appendix for the English version of the Address.

୧୯୬୩ ମସିହାର ଜାନୁଆରୀଠାରୁ ଅଗଷ୍ଟ ସୁଦ୍ଧା ଉତ୍ପାଦନ ତୁଳନାରେ କାଗଜ ଓ ସିମେଣ୍ଟ ଉତ୍ପାଦନ ୧୯୬୪ ମସିହାର ସେହି ସମୟ ଭିତରେ ଯଥାକ୍ରମେ ଶତକଡ଼ା ପ୍ରାୟ ୧୨ ଓ ୨ ଭାଗ ବୃଦ୍ଧି ପାଇଥିଲା । ସେହିପରି ବିଦ୍ୟୁତ୍ ଶକ୍ତି ଉତ୍ପାଦନ ଗତ ବର୍ଷ ଜାନୁଆରୀ ମାସଠାରୁ ଅଗଷ୍ଟ ମାସ ଭିତରେ ଯେତିକି ହୋଇଥିଲା, ୧୯୬୪ ମସିହାର ସେହି ସମୟ ଭିତରେ ତା' ଅପେକ୍ଷା ଶତକଡ଼ା ୯.୫ ଭାଗ ବଢ଼ିଛି ।

ମାତ୍ର ଖଣିଜ ପଦାର୍ଥ ଉତ୍ପାଦନ ପରିମାଣ ଗତବର୍ଷର ପ୍ରଥମାର୍ଦ୍ଧ ତୁଳନାରେ ୧୯୬୪ ମସିହାର ସେହି ସମୟ ଭିତରେ ସାମାନ୍ୟ କମିଯାଇଥିଲା । ଗତବର୍ଷ ପ୍ରଥମାର୍ଦ୍ଧର ଉତ୍ପାଦନ ପରିମାଣଠାରୁ ୧୯୬୪ ପ୍ରଥମାର୍ଦ୍ଧରେ ଲୁହାପଥର, କୋଇଲା ଓ ମାଙ୍ଗାନିଜ୍ ଉତ୍ପାଦନ ଯଥାକ୍ରମେ, ଶତକଡ଼ା ୧୩.୯ ଭାଗ, ୧୦.୫ ଭାଗ ଓ ୦.୭ ଭାଗ କମ୍ ହୋଇଛି । ଜାତୀୟ ଖଣିଜ ଉନ୍ନୟନ କର୍ପୋରେସନ ଓଡ଼ିଶାର ଖଣି ମାଲିକମାନଙ୍କୁ ଅପେକ୍ଷାକୃତ କମ୍ ମୂଲ୍ୟ ଦେବାକୁ ଚାହିଁବାରୁ ଲୁହାପଥର ଉତ୍ପାଦନ କମିଯାଇଥିଲା । ଏହି ସମୟରେ ମାଙ୍ଗାନିଜ୍ ରପ୍ତାନି କାରବାର ମାନ୍ଦା ପଡ଼ିଯିବା ଯୋଗୁଁ ଏହାର ଉତ୍ପାଦନ ହ୍ରାସ ପାଇଥିଲା । ତାଳଚେରର ଗୋଟିଏ କୋଇଲା ଖଣି କିଛିକାଳ ଧରି ବନ୍ଦ ହୋଇଯାଇଥିବା ଯୋଗୁଁ ଆଲୋଚ୍ୟ ବର୍ଷ ଭିତରେ କୋଇଲା ଉତ୍ପାଦନ ବାଧା ପାଇଥିଲା । ମାତ୍ର କ୍ରୋମାଇଟ ଓ ଫାୟାର୍ କ୍ଲେ ଉତ୍ପାଦନ ଯଥାକ୍ରମେ, ଶତକଡ଼ା ୫୩.୨ ଭାଗ ଓ ୦.୩ ଭାଗ ବୃଦ୍ଧି ପାଇଥିଲା ।

ଦରଦାମ ଅଧିକ ବୃଦ୍ଧି ପାଇବା ଆଲୋଚ୍ୟ ବର୍ଷର ସର୍ବାପେକ୍ଷା ଉଦ୍‌ବେଗଜନକ ବିଷୟ । ଶ୍ରମଜୀବୀ ଶ୍ରେଣୀର ସାଧାରଣ ଖାଉଟି ମୂଲ୍ୟସୂଚୀ ୧୯୬୩ ମସିହାରେ କଟକ ଓ ଭୁବନେଶ୍ୱରରେ ୧୪୮ ଓ ୧୯୦ ଥିଲା ଏବଂ ୧୯୬୪ ମସିହା ସେପ୍ଟେମ୍ବର ମାସରେ ଏହି ଦୁଇଟି ସ୍ଥାନରେ ଉକ୍ତ ମୂଲ୍ୟସୂଚୀ ୧୫୦ ଓ ୧୬୨ ହୋଇଥିଲା । ଏହାଦ୍ୱାରା ଉତ୍ପାଦନ ବୃଦ୍ଧି ଓ ମଜୁରି ବୃଦ୍ଧିଜନିତ ସୁଫଳ ବ୍ୟାହତ ହୋଇଥିଲା ।

କୃଷିଜୀବୀ ଶ୍ରମିକଙ୍କ ମଜୁରି ଆୟ ବୃଦ୍ଧି ପାଇଛି । ସଂଗୃହୀତ ହିସାବରୁ ଜଣାଯାଇଛି ଯେ କୃଷିଜୀବୀ ପୁରୁଷ ଶ୍ରମିକଙ୍କ ମଜୁରି ମୂଲ୍ୟସୂଚୀ ୧୯୬୩ ମସିହା ଜୁନ୍‌ରେ ୧୫୮ ଥିବା ସ୍ଥଳେ ୧୯୬୪ ମସିହା ଜୁନ ମାସରେ ୧୭୬କୁ ବୃଦ୍ଧି ପାଇଛି ।

ସନ୍ତୋଷର କଥା ଯେ ରାଜ୍ୟର ମୋଟ ଆୟ ଓ ମୁଣ୍ଡପିଛା ଆୟ କ୍ରମଶଃ ବଢ଼ି ଚାଲିଛି । ପରିସଂଖ୍ୟାନ ଓ ଅର୍ଥନୀତି ପ୍ରତିଷ୍ଠାନଙ୍କଦ୍ୱାରା ପ୍ରସ୍ତୁତ ଅଟକଳ ଅନୁସାରେ ଦ୍ୱିତୀୟ ଯୋଜନା ଶେଷଭାଗରେ ରାଜ୍ୟର ସାମଗ୍ରିକ ଆୟ ୧୯୫୮-୫୯ର ସ୍ଥାୟୀ ମୂଲ୍ୟ ଭିତ୍ତିରେ ମୋଟ ୪୨୨.୫୯ କୋଟି ଟଙ୍କା ଥିବା ସ୍ଥଳେ ୧୯୬୨-୬୩ ମସିହାରେ ଉପରୋକ୍ତ ହିସାବରେ ରାଜ୍ୟର ସାମଗ୍ରିକ ଆୟ ଥିଲା ୪୬୧.୯୯ କୋଟି ଟଙ୍କା । ବର୍ତ୍ତମାନ ଯେଉଁ ଧାରଣରେ ଏହା ବୃଦ୍ଧି ପାଉଛି, ତଦନୁସାରେ ତୃତୀୟ ଯୋଜନା ଶେଷଭାଗରେ ରାଜ୍ୟର ଆୟ ୫୯୨ କୋଟି ଟଙ୍କା ହୋଇଥିବ ବୋଲି ଅଟକଳ କରାଯାଇଛି ।

୧୯୫୮-୫୯ ମସିହାର ଦରଦାମ ଭିତ୍ତିରେ ୧୯୬୨-୬୩ ମସିହାର ମୁଣ୍ଡପିଛା ଆୟ ଥିଲା ୨୦୯ ଟଙ୍କା । ୧୯୫୧-୫୨ ଠାରୁ ୧୯୬୨-୬୩ ମସିହା ଭିତରେ ମୁଣ୍ଡପିଛା ଆୟର ମୂଲ୍ୟାଙ୍କରୁ ଜଣାଯାଏ ଯେ ଏହି ସମୟ ଭିତରେ ମୁଣ୍ଡପିଛା ଆୟ ଶତକଡ଼ା ୧୧ ଭାଗ ବୃଦ୍ଧି ପାଇଛି । ପ୍ରଥମ ଯୋଜନା ତୁଳନାରେ ଦ୍ୱିତୀୟ ଓ ତୃତୀୟ ଯୋଜନାକାଳ ଭିତରେ ମୁଣ୍ଡପିଛା ଆୟ ବୃଦ୍ଧିର ହାର ଅଧିକ ଉଲ୍ଲେଖଯୋଗ୍ୟ ।

ତୃତୀୟ ଯୋଜନାର ମୋଟ ଖର୍ଚ୍ଚ ପରିମାଣ ୨୨୭ କୋଟି ଟଙ୍କା ପର୍ଯ୍ୟନ୍ତ ହୋଇପାରେ ବୋଲି ଗତବର୍ଷ ଏହି ଅବସରରେ ମାନ୍ୟବର ସଭ୍ୟମାନଙ୍କୁ ଜଣାଇ ଦିଆଯାଇଥିଲା । ତାହା ପରଠାରୁ କୃଷି ଉତ୍ପାଦନ କାର୍ଯ୍ୟକ୍ରମ, କ୍ଷୁଦ୍ର ଜଳସେଚନ ଯୋଜନା, ମୃତ୍ତିକା ସଂରକ୍ଷଣ ଓ ସେହିପରି ଅନ୍ୟାନ୍ୟ କେତେକ କାର୍ଯ୍ୟକ୍ରମର

ପରିସର ବୃଦ୍ଧି ପାଇଛି । ପାରାଦୀପ ବନ୍ଦର ବାବଦ ଖର୍ଚ୍ଚ ବଢ଼ି ୧୯ କୋଟିକୁ ବୃଦ୍ଧି ପାଇଛି । ପ୍ରଥମେ ଯେଉଁ ଖର୍ଚ୍ଚ ବ୍ୟବସ୍ଥା କରି ଯାଇଥିଲା, ବିଶେଷତଃ ସେଥିରେ ଅଦଳ ବଦଳ ଦ୍ୱାରା ଏହିସବୁ ପରିବର୍ତ୍ତିତ କରାଯାଇଛି । ମାତ୍ର ରାଜ୍ୟର ସଂଶୋଧିତ ଯୋଜନାର ସର୍ବୋଚ୍ଚ ଖର୍ଚ୍ଚ ପରିମାଣ ପ୍ରାୟ ୨୨୨ କୋଟି ଟଙ୍କା ରଖାଯାଇଛି । ରାଜ୍ୟର ସରକାର ପାରାଦୀପ ବନ୍ଦର ଯୋଜନାର ଦାୟିତ୍ୱ ହାତକୁ ନେବାପାଇଁ ଭାରତ ସରକାରଙ୍କୁ ଅନୁରୋଧ କରିଥିଲେ ଏବଂ ମାନ୍ୟବର ସଭ୍ୟମାନଙ୍କୁ ମୁଁ ଆନନ୍ଦର ସହିତ ଜଣାଉଛି ଯେ ପାରାଦୀପ ବନ୍ଦର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କରିବା ନିମନ୍ତେ ବନ୍ଦରଟିକୁ ନିଜ ହାତକୁ ନେବାପାଇଁ ଭାରତ ସରକାର ଇତି ମଧ୍ୟରେ ନିଷ୍ପତ୍ତି କରି ସାରିଛନ୍ତି । ଏହା ଫଳରେ ରାଜ୍ୟର ସମ୍ବଳ ପରିସ୍ଥିତି ଯେ ଅନେକ ପରିମାଣରେ ଉନ୍ନତି ଲାଭ କରିବ କେବଳ ନୁହେଁ, ପାରାଦୀପ ବନ୍ଦରର ଭବିଷ୍ୟତର ବିକାଶ ପଥ ଉନ୍ମୁକ୍ତ ହୋଇଯିବ ।

ତୃତୀୟ ଯୋଜନା ଭୁକ୍ତ ପରିକଳ୍ପନାଗୁଡ଼ିକର କାର୍ଯ୍ୟରେ ଅଗ୍ରଗତି ବେଶ ସନ୍ତୋଷଜନକ ହୋଇଛି । ତୃତୀୟ ଯୋଜନାରେ ଉନ୍ନୟନ କାର୍ଯ୍ୟପାଇଁ ବରାଦ ଅର୍ଥରୁ ଯୋଜନାର ପ୍ରଥମ ଚାରିବର୍ଷ ଭିତରେ ସମାଜ ସେବା କାର୍ଯ୍ୟକ୍ରମ ବାବଦ ବରାଦରୁ ଶତକଡ଼ା ୭୮ ଭାଗ, କୃଷି ଓ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମ ପାଇଁ ବରାଦରୁ ଶତକଡ଼ା ୭୨ ଭାଗ, ଶିଳ୍ପ, ଯାନବାହାନ ଓ ଯୋଗାଯୋଗ କାର୍ଯ୍ୟକ୍ରମ ପାଇଁ ବରାଦରୁ ଶତକଡ଼ା ୭୫ ଭାଗ ଏବଂ ଜଳସେଚନ ଓ ବିଦ୍ୟୁତ୍ ପାଇଁ ବରାଦରୁ ଶତକଡ଼ା ୭୦ ଭାଗ ଖର୍ଚ୍ଚ ହୋଇଯିବ ବୋଲି ଦେଖାଯାଇଛି । ହାସଲ ହୋଇସାରିଥିବା ବାସ୍ତବ କାର୍ଯ୍ୟ ବିଚାରରେ ମଧ୍ୟ ଯୋଜନାର ଅଗ୍ରଗତି ଉତ୍ସାହଜନକ । ଡାଲିଅ ଫସଲଛଡ଼ା ରାଜ୍ୟରେ ମୋଟ ଚାଉଳ ଉତ୍ପାଦନ ପରିମାଣ ୪୩.୫୧ ଲକ୍ଷ ମେଟ୍ରିକ ଟନ୍ ହୋଇଛି । ଏହି ପରିମାଣ ପୂର୍ବ ବର୍ଷମାନଙ୍କର ଉତ୍ପାଦନ ତୁଳନାରେ ସର୍ବାଧିକ । ବିଦ୍ୟୁତ୍ ଯୋଜନାଗୁଡ଼ିକ ଭିତରେ ତାଳଚେର ତାପଜ ବିଦ୍ୟୁତ୍ ଯୋଜନା ଓ ବାଲିମେଳା ଜଳ-ବିଦ୍ୟୁତ୍ ଯୋଜନା ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ଆଗେଇ ଚାଲିଛି । ତାଳଚେର ତାପଜ ବିଦ୍ୟୁତ୍ ଯୋଜନାରୁ ୧୯୬୫-୬୬ ମସିହା ଶେଷ ସୁଦ୍ଧା ବିଦ୍ୟୁତ୍ ଉତ୍ପାଦନ ଆରମ୍ଭ ହେବ ଏବଂ ଚତୁର୍ଥ ଯୋଜନାକାଳ ଭିତରେ ବିଦ୍ୟୁତ୍ ଉତ୍ପାଦନପାଇଁ ନିର୍ଦ୍ଧାରିତ ଲକ୍ଷ୍ୟ ପୂରଣ ହେବ ।

ମୁଁ ବର୍ତ୍ତମାନ ଓଡ଼ିଶାର ଚତୁର୍ଥ ଯୋଜନାର ମୋଟାମୋଟି ଲକ୍ଷ୍ୟ ବିଷୟରେ କେତେକ ସୂଚନା ଦେବାକୁ ଚାହେଁ । ଯୋଜନା କମିସନଙ୍କ ନିକଟକୁ ଏହା ପଠାଯାଇ ସାରିଲାଣି । ସାମଗ୍ରିକ ଭାବରେ ଦେଶର ଅଗ୍ରଗତିପାଇଁ ଯେଉଁ ଲକ୍ଷ୍ୟ ରଖାଯାଇଛି, ଓଡ଼ିଶାର ଅଗ୍ରଗତି ତା' ଅପେକ୍ଷା ଦ୍ରୁତତର ହେବା ଏକାନ୍ତ ଆବଶ୍ୟକ, କାରଣ ଓଡ଼ିଶାକୁ ଭାରତର ଅନ୍ୟାନ୍ୟ ରାଜ୍ୟ ସହିତ ଅର୍ଥନୈତିକ କ୍ଷେତ୍ରରେ ସମାନ ସ୍ତରରେ ପହଞ୍ଚିବାକୁ ପଡ଼ିବ । ଓଡ଼ିଶାର ଅର୍ଥନୈତିକ ଶକ୍ତି ଏପରି ଦୃଢ଼ ହେବା ଦରକାର ଯାହା ଫଳରେ ରାଜ୍ୟର ଅଗ୍ରଗତି ଆତ୍ମନିର୍ଭରଶୀଳ ଓ କ୍ରମବର୍ଦ୍ଧିଷ୍ଣୁଶୀଳ ହୋଇ ପାରିବ । ଯୋଜନା କମିସନ ଉଲ୍ଲେଖ କରିଛନ୍ତି, "ଅର୍ଥନୀତିରେ ମୁଦ୍ରାସ୍ଫୀତି ବୃଦ୍ଧି ନ ପାଇ ଜନସ୍ୱାର୍ଥର ଗତି କିପରି ତ୍ୱରାନ୍ୱିତ ହେବ ତାହାହିଁ ଚତୁର୍ଥ ଯୋଜନାର କଠୋର ସମସ୍ୟା" । ତେଣୁ ଅଳ୍ପ ସମୟ ଭିତରେ ଯେଉଁ ସବୁ ପରିକଳ୍ପନାରୁ ଉତ୍ପାଦନ ବୃଦ୍ଧି ପାଇବ, ସେହି ଭଳି ପରିକଳ୍ପନାଗୁଡ଼ିକ ଉପରେ ଓଡ଼ିଶା ସରକାର ଜୋର ଦେବାକୁ ଚାହାନ୍ତି । ଉନ୍ନୟନ କ୍ଷେତ୍ରରେ ଉତ୍ପାଦିକା ଶକ୍ତି ବୃଦ୍ଧି କରିବା ଏବଂ ଶିଳ୍ପ-ବାଣିଜ୍ୟର ବିକାଶ ହାସଲ କରିବାପାଇଁ ରାଜ୍ୟ ସରକାର ଉଦ୍ୟମ କରିବେ । ତେଣୁ ଶୀଘ୍ର ଫଳପ୍ରଦ ହୋଇ ପାରିବା ଭଳି ପରିକଳ୍ପନା, ସୃଷ୍ଟି କରାଯାଇ ସାରିଥିବା ଅର୍ଥନୈତିକ ଶକ୍ତିସମ୍ବଳର ସର୍ବୋଚ୍ଚ ଉପଯୋଗ, ଜନସାଧାରଣଙ୍କଠାରୁ ନିଶ୍ଚିତ ସହଯୋଗପ୍ରାପ୍ତି ଏବଂ ଶିଳ୍ପ ବାଣିଜ୍ୟର ମାନ ଓ ପ୍ରସ୍ତୋତ କ୍ଷେତ୍ରରେ ଉନ୍ନତି ତଥା ବାସ୍ତବ ଓ ଅଳ୍ପବ୍ୟୟସାପେକ୍ଷ ଯେଉଁ ସବୁ ପରିକଳ୍ପନା ପାଇଁ ବୈଷୟିକ ଓ ପ୍ରଶାସନିକ ଦୃଷ୍ଟିରୁ ରାଜ୍ୟ ପ୍ରସ୍ତୁତ ହୋଇ ସାରିଛି ବା ପ୍ରସ୍ତୁତ ହେବାପାଇଁ ବ୍ୟବସ୍ଥା କରୁଛି, ସେ ସମସ୍ତ ପ୍ରତି ଗୁରୁତ୍ୱ ଦେଇ ଯୋଜନା ନିମନ୍ତେ ଅଗ୍ରାଧିକାରର କ୍ରମ ନିର୍ଦ୍ଧାରଣ କରାଯାଇଛି ।

କୃଷି ଉତ୍ପାଦନ ଉପରେ ବିଶେଷ ଗୁରୁତ୍ୱ ଆରୋପ କରାଯାଇଛି । ମୂଲ୍ୟ ବୃଦ୍ଧିର ଅବସ୍ଥିତିକୁ ଆୟତ୍ତ କରିବାପାଇଁ ଏହା ବିଶେଷ ସହାୟକ ହୋଇପାରିବ । ବାର୍ଷିକ ଶତକଡ଼ା ୮ରୁ ୯ ଭାଗ ହାରରେ କୃଷି

ଉତ୍ପାଦନ ବୃଦ୍ଧି କରିବାପାଇଁ ସବୁମତେ ଉଦ୍ୟମ କରାଯିବ । ୭୮୦ କୋଟି ଟଙ୍କାର ପ୍ରସ୍ତାବିତ ଯୋଜନା ବ୍ୟୟରୁ କୃଷି ଓ ତତ୍‌ସମ୍ପର୍କୀୟ ବିଷୟଗୁଡ଼ିକ ପାଇଁ ଆପାତତଃ ୯୮ କୋଟି ଟଙ୍କାର ବ୍ୟୟ ବ୍ୟବସ୍ଥା ରଖାଯାଇଛି । ଏହା ମୋଟ ଯୋଜନା ଖର୍ଚ୍ଚର ପ୍ରାୟ ଶତକଡ଼ା ୨୧ ଭାଗ । ଯେତେଦୂର ସମ୍ଭବ ମୁଦ୍ରାସ୍ଫୀତି ସୃଷ୍ଟି କରିବା ଭଳି ଅବସ୍ଥା ନ ଘଟାଇ ଉନ୍ନତିର ହାର ଦ୍ରୁତଭାବେ ବଢ଼ାଇବାପାଇଁ ଯୋଜନାରେ ଯେଉଁ ଲକ୍ଷ୍ୟ ରଖାଯାଇଛି, ସେହି ଲକ୍ଷ୍ୟ ଅନୁସରଣରେ ବ୍ୟବସ୍ଥା କରାଯାଇଛି ।

## ୧୯୬୪-୬୫ ପାଇଁ ସଂଶୋଧିତ ଅଟକଳ

ମୁଁ ବର୍ତ୍ତମାନ ସଂଶୋଧିତ ଅଟକଳ ସମ୍ବନ୍ଧରେ ଆଲୋଚନା କରିବି । କ୍ଷିପ୍ର ବେଗରେ କାର୍ଯ୍ୟକାରୀ ହେବାପାଇଁ ପ୍ରସ୍ତୁତ କୃଷି ଉତ୍ପାଦନ କାର୍ଯ୍ୟକ୍ରମ ନିମନ୍ତେ ଅର୍ଥ ବରାଦ କରିବା ଛଡ଼ା ଆମ ରାଜ୍ୟକୁ ପୂର୍ବ ପାକିସ୍ଥାନ ଆଶ୍ରୟପ୍ରାର୍ଥୀଙ୍କ ଆଗମନ ଯୋଗୁଁ ଯେଉଁ ଜରୁରୀ ପରିସ୍ଥିତି ଉପୁଜିଛି, ସେଥିପାଇଁ ଖର୍ଚ୍ଚ ବ୍ୟବସ୍ଥା କରିବା ଉଦ୍ଦେଶ୍ୟରେ ଚଳିତବର୍ଷର ବଜେଟରେ କେତେକ ପରିବର୍ତ୍ତନ କରାଯାଇଛି । ଚଳିତବର୍ଷ ବଜେଟ ଉପସ୍ଥାପିତ କରିବାବେଳେ ଆଶା କରାଯାଇଥିଲା ଯେ ବର୍ଷ ଆରମ୍ଭରେ ୧୯୯ ଲକ୍ଷ ଟଙ୍କା ବଳକା ଥିବ । ମାତ୍ର ପ୍ରକୃତରେ ବର୍ଷ ଆରମ୍ଭବେଳେ ୮୨୮ ଲକ୍ଷ ଟଙ୍କା ନିଅଣ୍ଟ ପଡ଼ିଥିଲା । ଅର୍ଥାତ୍ ୧,୦୨୭ ଲକ୍ଷ ଟଙ୍କା କମ ହୋଇଥିଲା । ମୁଖ୍ୟତଃ, ଯୋଜନାର ଭିନ୍ନ ପରିକଳ୍ପନା ବାବଦରେ କେନ୍ଦ୍ର ସରକାରଙ୍କଠାରୁ କମ ସାହାଯ୍ୟ ମିଳିବାରୁ ଓ କେତେକ ବାବଦରେ ରାଜ୍ୟ ସରକାର ଅଗ୍ରୀମ ଯେଉଁ ଖର୍ଚ୍ଚ କରିଥିଲେ ସେହି ଅର୍ଥ କେନ୍ଦ୍ର ସରକାରଙ୍କଠାରୁ ମିଳିପାରି ନ ଥିବାରୁ ଏପରି ଘଟିଥିଲା । ମାନ୍ୟବର ସଭ୍ୟମାନେ ଆଗରୁ ଯୋଗାଇ ଦିଆଯାଇଥିବା ବଜେଟ ସମ୍ବନ୍ଧୀୟ କାଗଜପତ୍ର ଦେଖି ସାରିଥିବେ । ତେଣୁ ସଂଶୋଧିତ ଅଟକଳ ସମ୍ବନ୍ଧୀୟ ବିସ୍ତୃତ ବିବରଣୀ ବିଷୟରେ ଆଲୋଚନା କରି ମୁଁ ମାନ୍ୟବର ସଭ୍ୟମାନଙ୍କ ମୂଲ୍ୟବାନ ସମୟ ନଷ୍ଟ କରିବାକୁ ଚାହେଁ ନାହିଁ । ଚଳିତ ବର୍ଷର ସଂଶୋଧିତ ବଜେଟରେ ଏବଂ ଆସନ୍ତା ବର୍ଷର ବଜେଟରେ ଲିପିବଦ୍ଧ ବିଭିନ୍ନ ଉନ୍ନୟନ ପରିକଳ୍ପନା ସମ୍ବନ୍ଧୀୟ ବିସ୍ତୃତ ବିବରଣୀ ରାଜ୍ୟର ଅର୍ଥନୈତିକ ଅବସ୍ଥା ଓ ଉନ୍ନୟନମୂଳକ କାର୍ଯ୍ୟକ୍ରମ ବିଷୟରେ ପ୍ରକାଶିତ ଶ୍ୱେତପତ୍ର ଓ ବିଶ୍ଳେଷଣମୂଳକ ସ୍ମାରକପତ୍ରରେ ଦିଆଯାଇଛି ।

ବର୍ତ୍ତମାନ ଯେଉଁ ସଂଶୋଧିତ ଅଟକଳ ପ୍ରସ୍ତୁତ କରାଯାଇଅଛି ସେଥିରୁ ଦେଖାଯିବ ଯେ ଚଳିତ ବର୍ଷ ଆରମ୍ଭରେ ୮୨୮ ଲକ୍ଷ ଟଙ୍କା ନିଅଣ୍ଟ ଥିଲେ ମଧ୍ୟ ବର୍ଷ ଶେଷକୁ ମୋଟ ୫୦ ଲକ୍ଷ ଟଙ୍କା ବଳକା ହେବ ବୋଲି ଆଶା କରାଯାଉଛି । ଚଳିତ ବର୍ଷ ଭିତରେ ଆୟକର ବାବଦ ପ୍ରାପ୍ୟ, ବିକ୍ରୀକର, ମଟରଗାଡ଼ି ଟିକସ ଓ ବିଦ୍ୟୁତ୍ ଶୁଳ୍କ ପ୍ରଭୃତି ବାବଦ ରାଜସ୍ୱ ଆଦାୟର ପରିମାଣ ବୃଦ୍ଧି ପାଇଛି ।

ଚଳିତ ବର୍ଷ, ଉତ୍ପାଦନକାରୀଙ୍କ ବ୍ୟବହାରରେ ଲାଗିବା ଭଳି କଞ୍ଚାମାଲ ଉପରୁ ବିକ୍ରୀକର ହାର ଶତକଡ଼ା ୫ ଭାଗରୁ ୨ ଭାଗ ପର୍ଯ୍ୟନ୍ତ କମାଇ ଦିଆଯିବା ଏବଂ ଦୁଧ ଓ ବସ୍ତ୍ର ଉପରୁ ବିକ୍ରୀଟିକସ ଛାଡ଼ି ଦିଆଯିବା ସତ୍ତ୍ୱେ କମର୍ସିଆଲ ଟ୍ୟାକ୍ସ ଡିପାର୍ଟମେଣ୍ଟର ଇନ୍‌ଟେଲିଜେନ୍ସ ଶାଖା ଏବଂ ପଲିଟିକାଲ ଆଣ୍ଡ ସର୍ଭିସେସ୍ (ଭିଜିଲାନ୍ସ) ବିଭାଗଙ୍କ ତତ୍ପରତା ଯୋଗୁଁ ୧୯୬୩-୬୪ ମସିହା ଭିତରେ ବିକ୍ରୀକର ବାବଦରେ ୭୦୪ ଲକ୍ଷ ଟଙ୍କା ଆଦାୟ ହୋଇଥିବା ସ୍ଥଳେ ଚଳିତ ବର୍ଷ ବିକ୍ରୀକର ପରିମାଣ ୭୮୮ ଲକ୍ଷ ଟଙ୍କା ହେବବୋଲି ଆଶା କରାଯାଉଛି ।

ଖାଦ୍ୟ ଉତ୍ପାଦନ ବୃଦ୍ଧି କରିବାପାଇଁ ଯଥାସମ୍ଭବ ଅଧିକ ପରିମିତ ଅଞ୍ଚଳରେ ଯେପରି ଜଳସେଚନର ସୁବିଧା ଯୋଗାଇ ଦିଆଯାଇ ପାରିବ ସେଥିପ୍ରତି ବିଶେଷ ଦୃଷ୍ଟି ଦିଆଯାଉଛି । ଏହା ବ୍ୟତୀତ ତିନୋଟି ବୃହତ୍ ଜଳସେଚନ ଯୋଜନା ଯଥା, ମହାନଦୀ ତ୍ରିକୋଣଭୂମି, ସାଲନ୍ଦୀ ଓ ଆନନ୍ଦପୁର ବ୍ୟାରେଜ୍ ଯୋଜନା ଏବଂ ୯ଟି ମଧ୍ୟମ ଜଳସେଚନ ଯୋଜନା କାର୍ଯ୍ୟକାରୀ କରାଯାଉଛି । ଏହି ଯୋଜନାଗୁଡ଼ିକ ମଧ୍ୟରୁ ଯୋର-ହରଭଙ୍ଗୀ ମଧ୍ୟମ ଜଳସେଚନ ଯୋଜନା ବ୍ୟତୀତ ଅଧିକାଂଶ ଯୋଜନାର କାର୍ଯ୍ୟ ଚତୁର୍ଥ ଯୋଜନାର ଦ୍ୱିତୀୟ ବର୍ଷରେ ପୂରଣ ହୋଇଯିବ । ବର୍ତ୍ତମାନ ସାଲ୍‌କି ଓ ହୀରାଧରବାଟୀ ଯୋଜନାରୁ ଉପକାର ମିଳୁଛି । ଅଧିକ ବ୍ୟାପକ ଓ ଉନ୍ନତ ଜଳସେଚନ ସୁବିଧା ଯୋଗାଇ ଦେବାପାଇଁ ଗ୍ରାମ୍ୟ ଇଞ୍ଜିନିୟରିଂ ସଂଗଠନ

ଓ ଉଠା ଜଳସେଚନ ଡିରେକ୍ଟୋରେଟକୁ ସୁଦୃଢ଼ କରାଯାଇଛି । ଗ୍ରାମ୍ୟ ଇଞ୍ଜିନିୟରିଂ ସଂଗଠନ ୧୯୬୩-୬୪ ମସିହାରେ ୮୫ଟି ଯୋଜନା କାର୍ଯ୍ୟ ହାତକୁ ନେଇଥିଲେ ଓ ଚଳିତ ବର୍ଷ ମଧ୍ୟରେ ୧୬୧ଟି ଯୋଜନା କାର୍ଯ୍ୟ ହାତକୁ ନେଇଛନ୍ତି । କ୍ଷୁଦ୍ର ଜଳସେଚନଦ୍ୱାରା ୩୭,୦୦୦ ଏକର ଜମିରେ ଜଳସେଚନ କରିବାପାଇଁ କାର୍ଯ୍ୟକ୍ରମ ରଖାଯାଇଛି । ଏହି ସଂଗଠନ ପରିତ୍ୟକ୍ତ ଯୋଜନାଗୁଡ଼ିକର ପୁନରୁଦ୍ଧାର କାର୍ଯ୍ୟ ମଧ୍ୟ ହାତକୁ ନେଇଛନ୍ତି । ଏହା ଫଳରେ ୫୯,୦୦୦ ଏକର ଜମିରେ ଜଳସେଚନ ହୋଇ ପାରିବ । କଟକ, ପୁରୀ ଓ ବାଲେଶ୍ୱର ଜିଲ୍ଲାମାନଙ୍କରେ ବନ୍ୟାପ୍ରପୀଡ଼ିତ ଅଞ୍ଚଳର କୃଷକମାନଙ୍କୁ ଜଳଯୋଗାଇ ଦେବା ହେଉଛି ଉଠାଜଳସେଚନ ଡିରେକ୍ଟୋରେଟ୍‌ର ପ୍ରଧାନ କାର୍ଯ୍ୟ । ଏଭଳି ଜଳସେଚନ ସାହାଯ୍ୟରେ ଉପକୃତ ବ୍ୟକ୍ତିମାନଙ୍କ ଦ୍ୱାରା ଯେଉଁସବୁ ସମବାୟ ସମିତି ଗଠିତ ହେବ, ସମ୍ପୂର୍ଣ୍ଣ ହୋଇଥିବା ଜଳସେଚନ ଯୋଜନାଗୁଡ଼ିକୁ ସେମାନଙ୍କ ଦାୟିତ୍ୱକୁ ହସ୍ତାନ୍ତରିତ କରିଦେବା ସରକାରଙ୍କ ଅଭିପ୍ରାୟ । ୮୩ଟି ଉଠା ଜଳସେଚନ ସମିତି ଗଠନ କରାଯାଇଛି ଏବଂ ତନ୍ମଧ୍ୟରୁ ୭୦ଟି ସମିତି ରେଜିଷ୍ଟ୍ରିଭୁକ୍ତ ହୋଇସାରିଛି ।

ଗ୍ରାମ୍ୟ ଓ ସହରାଞ୍ଚଳକୁ ପାନୀୟ ଜଳର ସୁବିଧା ଯୋଗାଇଦେବା ପ୍ରତି ଦୃଷ୍ଟି ଦିଆଯାଇଛି । କେତେକ ପ୍ରଧାନ ପ୍ରଧାନ ସ୍ୱାୟତ୍ତ-ଶାସନ ଅଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ଉଦ୍ଦେଶ୍ୟରେ ୧୬ଟି ପରିକଳ୍ପନା କାର୍ଯ୍ୟକାରୀ କରାଯାଉଛି । ଏହି ପରିକଳ୍ପନାଗୁଡ଼ିକରୁ ତୁରନ୍ତ ଲାଭ ଉଠାଇବା ଉଦ୍ଦେଶ୍ୟରେ ଦ୍ୱିତୀୟ ଯୋଜନା କାଳରେ ରାସ୍ତା କଡ଼ରେ ପାଣି କଳ ବସାଇ ମୁଣ୍ଡ ପିଛା ଦୈନିକ ୩୫ରୁ ୪୫ ଲିଟର ପାଣି ଯୋଗାଇ ଦେବାପାଇଁ ସ୍ଥିର କରାଯାଇଛି । ରାଉରକେଲା ସହର, ବଡ଼ବିଲ, ନବରଙ୍ଗପୁର, ବାରିପଦା, ବାଲେଶ୍ୱର, ଝାରସୁଗୁଡ଼ା, ଫୁଲବାଣୀଠାରେ ଏଭଳି ପରିକଳ୍ପନାଗୁଡ଼ିକର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ଜନସ୍ୱାସ୍ଥ୍ୟ ବିଭାଗର ଚିଫ୍ ଇଞ୍ଜିନିୟରଙ୍କ ଅଧୀନରେ ଗୋଟିଏ ସ୍ୱତନ୍ତ୍ର ଅନୁସନ୍ଧାନ ବିଭାଗ ଗଠନ କରାଯାଇଛି । ଜଳାଭାବଗ୍ରସ୍ତ ଓ ଅସୁବିଧାଥିବା ଅଞ୍ଚଳରେ, ବିଶେଷତଃ ଅନୁନ୍ନତ ଅଞ୍ଚଳଗୁଡ଼ିକରେ ତଥା ଯେଉଁ ସବୁ ଅଞ୍ଚଳରେ ଏବେଥିବା ଜଳଯୋଗାଣ ଯଥେଷ୍ଟ ନୁହେଁ କି ସ୍ୱାସ୍ଥ୍ୟକର ନୁହେଁ, ସେହିଭଳି ଅଞ୍ଚଳରେ ଜଳଯୋଗାଣ ସମ୍ପର୍କୀୟ ସୁବିଧାସୁଯୋଗର ଅନୁସନ୍ଧାନ ଓ ନିର୍ଦ୍ଧାରଣ କାର୍ଯ୍ୟ ଏହି ସଂଗଠନର ଦାୟିତ୍ୱ । ଏହି ବିଭାଗ ସର୍ଭେ କାର୍ଯ୍ୟ ଶେଷ କରିଛନ୍ତି ଏବଂ ଗାଁ ଗହଳରେ ଯଥେଷ୍ଟ ପାନୀୟଜଳର ସୁବିଧା ଯୋଗାଇ ଦେବାପାଇଁ ମୋଟରେ ୪୧କୋଟି ୬୩ ଲକ୍ଷ ଟଙ୍କା ଆବଶ୍ୟକ ହେବ ବୋଲି ଅଟକଳ କରାଯାଇଛି । ସେଥିମଧ୍ୟରୁ ଅସ୍ୱାସ୍ଥ୍ୟକର ଅଞ୍ଚଳମାନଙ୍କପାଇଁ ୧୯ କୋଟି ୭୪ ଲକ୍ଷ ଟଙ୍କା ଏବଂ ଜଳାଭାବ ଓ ଅସୁବିଧାଗ୍ରସ୍ତ ଅଞ୍ଚଳଗୁଡ଼ିକପାଇଁ ୨୧ କୋଟି ୮୯ ଲକ୍ଷ ଟଙ୍କା ଆବଶ୍ୟକ ହେବ ।

୭୦ଟି କଳପାଣି ଯୋଗାଣ ପରିକଳ୍ପନା ଜରିଆରେ ବିଶୁଦ୍ଧ ଜଳ ଯୋଗାଇ ଦେବାପାଇଁ ୧ କୋଟି ଟଙ୍କା ବ୍ୟୟ ଅଟକଳ ମଞ୍ଜୁର କରାଯାଇଛି । ଏହିଭଳି ବିଶୁଦ୍ଧ କଳପାଣି ଯୋଗାଣପାଇଁ ସାହାଯ୍ୟ ଦେବା ସକାଶେ ରାଜ୍ୟ ସରକାର ଭାରତ ସରକାରଙ୍କ ଉପରେ ଚାପ ଦେଇ ଆସିଛନ୍ତି । ଅର୍ଥ ମିଳିଲେ ଏ ବର୍ଷ ଶେଷ ସୁଦ୍ଧା ୧୦୦ଟି କଳପାଣି ଯୋଗାଣ ପରିକଳ୍ପନାର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିବ ବୋଲି ଆଶା କରାଯାଉଛି । ରାଜ୍ୟରେ ଏଭଳି ପରିକଳ୍ପନାଗୁଡ଼ିକପାଇଁ ଅଧିକ ଆର୍ଥିକ ସାହାଯ୍ୟ ଦେବା ନିମନ୍ତେ ଆମ୍ଭେମାନେ ଭାରତ ସରକାରଙ୍କ ଉପରେ ଚାପ ଦେଇ ଆସିଛୁ ।

ଗ୍ରାମ୍ୟ ଜଳଯୋଗାଣ ପରିକଳ୍ପନାର ଏକ ଅବିଚ୍ଛେଦ୍ୟ ଅଙ୍ଗରୂପେ ଗ୍ରାମ୍ୟ ପରିମଳ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । କୂପ ନିର୍ମାଣ ଓ ସୁରକ୍ଷା ପଦ୍ଧତି, ପମ୍ପ ରକ୍ଷଣାବେକ୍ଷଣ ଓ ବଣ୍ଟନ ଏବଂ କୂପ ଜଳ ବିଶୁଦ୍ଧ କରିବା ଓ ପରୀକ୍ଷା କରିବା ସମ୍ପର୍କରେ ଗ୍ରାମ ଜଳଯୋଗାଣ ଅପରେଟରମାନଙ୍କୁ ତାଲିମ ଦିଆ ଯାଉଛି । ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବାରେ ପଞ୍ଚାୟତିରାଜ ସଂଗଠନର ବିଭିନ୍ନ ସ୍ତରରେ ଥିବା ସରକାରୀ ଓ ବେସରକାରୀ ବ୍ୟକ୍ତିମାନଙ୍କର ସହଯୋଗ ନିଆଯାଇଛି । ସାହାଯ୍ୟ ଓ ପରାମର୍ଶ ଦେବାପାଇଁ ଏବଂ ପରିକଳ୍ପନାର ଅଗ୍ରଗତି ସମ୍ପର୍କରେ ପର୍ଯ୍ୟାଲୋଚନା ଓ ମୂଲ୍ୟ ନିରୂପଣ କରିବା ନିମନ୍ତେ ବିଭିନ୍ନ ସ୍ତରରେ ରାଜ୍ୟ/ଜିଲ୍ଲା କମିଟିମାନ ଗଠିତ ହୋଇଛି ।

## ୧୯୬୫-୬୬ ପାଇଁ ବଜେଟ୍ ଅଟକଳ

୧୯୬୫-୬୬ ମସିହା ବଜେଟ୍ ସମ୍ବନ୍ଧରେ ଆଲୋଚନା କରିବା ପୂର୍ବରୁ ମୁଁ ଉଲ୍ଲେଖ କରିବାକୁ ଚାହେଁ ଯେ ରାଜ୍ୟ ସରକାର ତାଙ୍କର ସ୍ୱଳ୍ପ ସମ୍ବଳ ସତ୍ତ୍ୱେ, ଅତ୍ୟଧିକ ମୂଲ୍ୟବୃଦ୍ଧି ଯୋଗୁ ଦରମାହାର ଓ ମହଙ୍ଗାଭତ୍ତା ବୃଦ୍ଧି କରିବାପାଇଁ ବିଭିନ୍ନ ଶ୍ରେଣୀର ସରକାରୀ କର୍ମଚାରୀମାନଙ୍କର ବାରମ୍ବାର ଦାବୀ ପୂରଣ କରିବା ଛଡ଼ା ଅନ୍ୟ ଉପାୟ ନ ଥିଲା । ଦରଦାମ ବୃଦ୍ଧି ଫଳରେ ସ୍ୱଳ୍ପ ବେତନଭୋଗୀ କର୍ମଚାରୀମାନଙ୍କର ଚଳାଚଳ ସୁବିଧା ନିମନ୍ତେ ଭାରତ ସରକାର ଏଥିମଧ୍ୟରେ ସେମାନଙ୍କୁ ଦୁଇଥର ଅତିରିକ୍ତ ମହଙ୍ଗାଭତ୍ତା ମଞ୍ଜୁର କରିବା ଫଳରେ ରାଜ୍ୟର ସରକାରୀ କର୍ମଚାରୀମାନଙ୍କ ଦାବୀ ଅଧିକ ଗୁରୁତ୍ୱ ଲାଭ କଲା । ଆମ ରାଜ୍ୟରେ ୧-୪-୬୪ଠାରୁ ଥରେ ବର୍ଦ୍ଧିତ ହାରରେ ମହଙ୍ଗାଭତ୍ତା ଦିଆଯାଇଥିଲା ଏବଂ ୧-୧-୬୫ଠାରୁ ଏହା ପୁନର୍ବାର ବଢ଼ାଇ ଦିଆଯାଇଛି । ପ୍ରଥମବାର ମହଙ୍ଗାଭତ୍ତା ବୃଦ୍ଧି ଫଳରେ ଅତିରିକ୍ତ ବ୍ୟୟ ପରିମାଣ ବାର୍ଷିକ ୪୦ ଲକ୍ଷ ଟଙ୍କା ଏବଂ ଦ୍ୱିତୀୟବାର ବୃଦ୍ଧି ଫଳରେ ତାହା ବାର୍ଷିକ ପ୍ରାୟ ଏକ କୋଟି ଟଙ୍କା ବଢ଼ି ଯାଇଥିବାର ଅଟକଳ ହୋଇଛି । ଏହା ବାଦ୍ ଦରମା କମିଟିଙ୍କ ସୁପାରିଶ କ୍ରମେ ସଂଶୋଧିତ ଦରମାହାର ପ୍ରବର୍ତ୍ତିତ ହେଲାବେଳେ ସେଥିରେ ଯେଉଁ କେତେକ ତାରତମ୍ୟ ରହି ଯାଇଥିଲା, ତାହାକୁ ଦୂର କରାଯାଇଛି । ଏହି କାରଣରୁ ସରକାରଙ୍କୁ ବାର୍ଷିକ ପ୍ରାୟ ୯୬ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ପାରେ । ଦ୍ୱିତୀୟ ଶ୍ରେଣୀର ସରକାରୀ କର୍ମଚାରୀମାନଙ୍କ ଦରମାହାର ବୃଦ୍ଧି କରାଯିବା ଫଳରେ, ପ୍ରଥମ ଶ୍ରେଣୀର ସରକାରୀ କର୍ମଚାରୀମାନେ ସେମାନଙ୍କ ଦରମାହାର ସଂଶୋଧନ କରିବାଲାଗି ଦାବୀ କଲେ । ସେମାନଙ୍କ ଦରମାହାରକୁ ମଧ୍ୟ ସଂଶୋଧନ କରାଯାଇ ୧-୧-୬୫ଠାରୁ କାର୍ଯ୍ୟକାରୀ କରାଗଲା । ଏହି ବାବଦରେ ବର୍ଷକୁ ଅତିରିକ୍ତ ଖର୍ଚ୍ଚ ପରିମାଣ ପ୍ରାୟ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହୋଇପାରେ । ଏସବୁ ଛଡ଼ା ସରକାରୀ କର୍ମଚାରୀମାନଙ୍କ ଉପକାର ସକାଶେ ଆଉ ଯେଉଁ ପ୍ରଧାନ ପ୍ରଧାନ ସୁବିଧା ଦିଆଯାଇଛି ତନ୍ମଧ୍ୟରେ ୧୯୬୪ରେ ନୂଆ "ପରିବାର ପେନ୍‌ସନ୍ ଯୋଜନା"ର ପ୍ରବର୍ତ୍ତନ ଉଲ୍ଲେଖଯୋଗ୍ୟ । ମୃତ ସରକାରୀ କର୍ମଚାରୀଙ୍କ ପରିବାରବର୍ଗଙ୍କୁ, ବିଶେଷକରି ଦଶବର୍ଷରୁ କମ୍ ସମୟ ଚାକିରୀ କରିଥିବା ମୃତ ସରକାରୀ କର୍ମଚାରୀଙ୍କ ପରିବାରଙ୍କୁ ଯଥେଷ୍ଟ ସାହାଯ୍ୟ ଦେବା ଉକ୍ତ ଯୋଜନାର ଉଦ୍ଦେଶ୍ୟ । ଏହି ନୂଆ ଯୋଜନା ଅନୁସାରେ, ସରକାରୀ କର୍ମଚାରୀ ଚାକିରୀ କରୁଥିବାବେଳେ ଯଦି ପ୍ରାଣତ୍ୟାଗ କରନ୍ତି ଓ ମୃତ୍ୟୁ ସମୟରୁ ସେ ଯଦି ଏକ ବର୍ଷ ଚାକିରୀ କରିଥାନ୍ତି ତାହାହେଲେ ତାଙ୍କ ପରିବାରଙ୍କୁ ଏହିଭଳି ପେନ୍‌ସନ୍ ଦିଆଯିବ । ଆହୁରି ମଧ୍ୟ ଜୀବନ ବୀମା କର୍ପୋରେସନ୍ ଏହି ରାଜ୍ୟରେ "ବେତନ ସଞ୍ଚୟ ଯୋଜନା" ପ୍ରବର୍ତ୍ତନ କରିଛନ୍ତି । ସରକାରୀ କର୍ମଚାରୀମାନେ ଯଦି ଏହାର ସୁଯୋଗ ନିଅନ୍ତି ତାହାହେଲେ ଅକାଳ ମୃତ୍ୟୁ ମୁଖରେ ପଡୁଥିବା ସରକାରୀ କର୍ମଚାରୀମାନଙ୍କ ପରିବାରବର୍ଗ ଏ ଯୋଜନା ବଳରେ ଆର୍ଥିକ ଦୁଃସ୍ଥିତିରୁ ଲାଭବାନ ହୋଇ ପାରିବେ ।

ବର୍ତ୍ତମାନ ମୁଁ ୧୯୬୫-୬୬ ମସିହାପାଇଁ ବଜେଟ୍ ଅଟକଳର ପ୍ରଧାନ ପ୍ରଧାନ ବିଷୟ ଗୁଡ଼ିକ ସଂକ୍ଷେପରେ ଅବତାରଣା କରିବି ।

ଚଳିତ ବର୍ଷ ମୋଟ ରାଜସ୍ୱ ୮୧.୩୫ କୋଟି ଟଙ୍କା ଓ ରାଜସ୍ୱ ବାବଦ ବ୍ୟୟ ୯୧.୩୮ କୋଟି ଟଙ୍କା ହୋଇ ରାଜସ୍ୱ ବାବଦ ନିଅଣ୍ଟ ୧୦.୦୩ କୋଟି ଟଙ୍କା ହେବବୋଲି ଅଟକଳ କରାଯାଇଛି । ସନ୍ତୁଳିତ ବଜେଟ୍ ଟିଏ ଉପସ୍ଥାପିତ କରିବାପାଇଁ ମୁଁ ଆନ୍ତରିକ ଚେଷ୍ଟା କରିଥିଲେ ମଧ୍ୟ ଆମର ପ୍ରତିଶ୍ରୁତ ବ୍ୟୟ ପରିମାଣ ଓ ଲୋକମାନଙ୍କ ଜୀବନଧାରଣର ମାନ ବୃଦ୍ଧିର ଆବଶ୍ୟକତା ଦୃଷ୍ଟିରୁ ତାହା କରିପାରିଲି ନାହିଁ । ଯାହାହେଉ, ମୁଁ ଏଠାରେ ସୂଚାଇ ଦେବାକୁ ଚାହେଁ ଯେ ଏହି ଅଧିକା ଖର୍ଚ୍ଚ ନିତାନ୍ତ ଆବଶ୍ୟକ ବିବେଚନା କରାଯାଇଛି । ଏଭଳି ରାଜସ୍ୱ ବାବଦ ନିଅଣ୍ଟିଆ ବଜେଟ୍‌ର ଫଳାଫଳ ସଂପର୍କରେ ମୁଁ ବରାବର ସଚେତନ ଥିବାସତ୍ତ୍ୱେ ଏହାକୁ ଆଉ କମାଇ ପାରିଲି ନାହିଁ । ରାଜସ୍ୱ ବାବଦ ନିଅଣ୍ଟ ଭରଣା କରିବାପାଇଁ ନୂଆ ଟିକସ ବସାଇବା ପ୍ରଶ୍ନ ସତର୍କତାର ସହିତ ବିବେଚନା କରାଯାଇଥିଲା ; କିନ୍ତୁ ନୂଆ